**ମଙ୍ଗିଲାଲ୍ ଏବଂ ଅନ୍ୟମାନେ**

**ବନାମ**

**ମଧ୍ୟ ପ୍ରଦେଶ ରାଜ୍ୟ**

**ଏପ୍ରିଲ 27, 1994**

**[ପ୍ରଧାନ ନ୍ୟାୟାଧୀଶ ଏମ୍. ଏନ୍. ଭେଙ୍କଟଚଲିଆଃ ଏବଂ ନ୍ୟାୟମୂର୍ତ୍ତି ଏସ୍. ମୋହନ୍]**

*ଦଣ୍ଡ ପ୍ରକ୍ରିୟା ସଂହିତା, 1973: ଧାରା 386 - ଦୋଷ ସାବ୍ୟସ୍ତି ବିରୁଦ୍ଧରେ ଆବେଦନ - ଏହାର ଶୁଣାଣି - ସେହି ସମୟରେ ଅଧିବକ୍ତାମାନଙ୍କ ଧର୍ମଘଟ - ଅଧିବକ୍ତାଙ୍କ ଅନୁପସ୍ଥିତି - ଅଭିଯୋଜନର ଅଭାବ ହେତୁ ଆବେଦନ ଖାରଜ ହେବା – ଏହାର ବୈଧତା - ଧର୍ମଘଟର କାରଣ ବିଷୟରେ ଉଚ୍ଚ ନ୍ୟାୟାଳୟଙ୍କ ପର୍ଯ୍ୟବେକ୍ଷଣ ଏବଂ ଧର୍ମଘଟ ସମ୍ବନ୍ଧରେ ଅଧିବକ୍ତାମାନଙ୍କ ଆଚରଣ ଉପରେ ଟିପ୍ପଣୀ - ଏହାର ଯଥାର୍ଥତା ।*

*ନ୍ୟାୟିକ ପ୍ରକ୍ରିୟା - ନିଷ୍ପତ୍ତି ଗ୍ରହଣ - ନ୍ୟାୟମୂର୍ତ୍ତି - ବ୍ୟକ୍ତିଗତ ପୂର୍ବଧାରଣାଗତ ମତକୁ ବର୍ଜନ କରିବା ଆବଶ୍ୟକ ।*

ଭାରତୀୟ ପିଙ୍ଗଳ ସଂହିତାର ଧାରା 147 ଏବଂ 307 ଅନୁଯାୟୀ ଦୋଷୀ ସାବ୍ୟସ୍ତ ହେବା ବିରୁଦ୍ଧରେ ଆବେଦନକାରୀଙ୍କ ଆବେଦନର ଶୁଣାଣି ସମୟରେ, ଅଧିବକ୍ତାମାନଙ୍କ ଧର୍ମଘଟ ହେତୁ ସେମାନଙ୍କ ଅଧିବକ୍ତାମାନେ ଅନୁପସ୍ଥିତ ଥିଲେ । ଅଧିବକ୍ତାମାନଙ୍କ ଧର୍ମଘଟ କରିବା ନିଷ୍ପତ୍ତିରେ କୌଣସି ଯଥାର୍ଥତା ନଥିଲା ଏବଂ ଧର୍ମଘଟ ନିଷ୍ପତ୍ତି ନ୍ୟାୟିକ ପ୍ରକ୍ରିୟାରେ ବାଧା ସୃଷ୍ଟି କରିଥିଲା ବୋଲି ଦର୍ଶାଇ ଉଚ୍ଚ ନ୍ୟାୟାଳୟ ଅଭିଯୋଜନର ଅଭାବ ହେତୁ ଆବେଦନକୁ ଖାରଜ କରିଦେଇଥିଲେ । ଆବେଦନକୁ ପୁନଃସ୍ଥାପିତ କରିବା ଏବଂ ଯୋଗ୍ୟତା ଆଧାରରେ ଏହାର ନିର୍ଣ୍ଣୟ ନେବା ନିମନ୍ତେ ଆବେଦନକାରୀଙ୍କ ଦ୍ୱାରା କରାଯାଇଥିବା ଆବେଦନକୁ ମଧ୍ୟ ଉଚ୍ଚ ନ୍ୟାୟାଳୟ ଖାରଜ କରିଦେଇଥିଲେ ।

ଏହି ନ୍ୟାୟାଳୟରେ କରାଯାଇଥିବା ଆବେଦନରେ ଆବେଦନକାରୀଙ୍କ ତରଫରୁ ଯୁକ୍ତି କରାଯାଇଥିଲା ଯେ ଉଚ୍ଚ ନ୍ୟାୟାଳୟ କେବଳ ଅଧିବକ୍ତାମାନଙ୍କ ଅନୁପସ୍ଥିତିର ଯଥାର୍ଥତା ବିଷୟରେ ଅନୁସନ୍ଧାନ କରିବା ଉଚିତ୍ ଥିଲା ଏବଂ ଅଧିବକ୍ତାମାନଙ୍କୁ ଧର୍ମଘଟ କରିବାକୁ କ'ଣ ପ୍ରେରିତ କରିଥିଲା ଏବଂ ଧର୍ମଘଟ ସମ୍ବନ୍ଧରେ ସେମାନଙ୍କର ଆଚରଣ ଉପରେ ଟିପ୍ପଣୀ ଦେବା ସମ୍ବନ୍ଧରେ ଯାଞ୍ଚ କରିବାରେ ଏହା ନ୍ୟାୟସଙ୍ଗତ ନଥିଲା ।

ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ବାତିଲ କରି ଏବଂ ଯୋଗ୍ୟତା ଆଧାରରେ ଏହାର ଶୁଣାଣି କରିବା ନିମନ୍ତେ ଆବେଦନଟିକୁ ପୁନଃସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦେଇ, ଏହି ନ୍ୟାୟାଳୟ

ନିର୍ଣ୍ଣୟ ନେଇଥିଲେ ଯେ: **1.** ବାହ୍ୟ ବିଷୟଗୁଡ଼ିକ ଠାରୁ ଦୂରେଇ ନ ରହି ଏବଂ ସେଗୁଡ଼ିକ ଦ୍ୱାରା ପ୍ରଭାବିତ ହୋଇ ଉଚ୍ଚ ନ୍ୟାୟାଳୟ ନ୍ୟାୟିକ ସଂଯମତାର ଅଭାବ ପ୍ରଦର୍ଶନ କରିଛନ୍ତି । ଏହା ଧର୍ମଘଟର କାରଣ ଖୋଜିବା ଉଚିତ୍ ନଥିଲା, ଯାହାକି ଏହା ସମ୍ମୁଖରେ ପ୍ରସଙ୍ଗ ହିଁ ନଥିଲା । ତତ୍କାଳୀନ ପ୍ରଧାନ ନ୍ୟାୟାଧୀଶଙ୍କ ଦ୍ୱାରା ହୋଇଥିବା ତ୍ରୁଟି ସମ୍ବନ୍ଧରେ ଯେକୌଣସି ମତ ରଖିବା ପାଇଁ ସ୍ୱାଧୀନ ଥିବା ଅଧିବକ୍ତାମାନଙ୍କ ବିରୁଦ୍ଧରେ ବିଜ୍ଞ ନ୍ୟାୟମୂର୍ତ୍ତି ନିଜର ତିକ୍ତ ଭାବ ପ୍ରକାଶ କରିବା ଉଚିତ୍ ନଥିଲା । ଏପରି ମତ ରଖିବା ଅଧିବକ୍ତାମାନଙ୍କ ପକ୍ଷରେ ଏକ ବିଶୃଙ୍ଖଳିତ ମନୋଭାବ ଭାବରେ ବର୍ଣ୍ଣନା କରାଯାଇପାରିବ ନାହିଁ । ଆହୁରି ମଧ୍ୟ, ଏଭଳି ମତ ରଖିବା ନ୍ୟାୟପାଳିକାର କାର୍ଯ୍ୟରେ ବାଧା ଦେବ ନାହିଁ କିମ୍ବା ବିଘ୍ନ ଘଟାଇବ ନାହିଁ । **[777-H, 778-A-B, H, 779-A]**

*ରାମନରେଶ ଯାଦବ ବନାମ ବିହାର ରାଜ୍ୟ,* **A.I.R. (1987) S.C. 1500,** ମାମଲାଟିକୁ ଉଦ୍ଧୃତ କରାଯାଇଛି ।

**2.** ଜଣେ ନ୍ୟାୟମୂର୍ତ୍ତି କଠୋର ସ୍ୱଭାବର ହେବା ଆବଶ୍ୟକ । ତାଙ୍କର ମାନସିକ ସନ୍ତୁଳନ ସର୍ବଦା ଦୃଢ଼ ଏବଂ ଅବିଚଳିତ ରହିବା ଆବଶ୍ୟକ । ଏହା ଜରୁରୀ ଯେ ଜଣେ ନ୍ୟାୟମୂର୍ତ୍ତି ତାଙ୍କ ବ୍ୟକ୍ତିଗତ ପୂର୍ବଧାରଣାଗତ ମତକୁ ନିର୍ଣ୍ଣୟ ନେବାରେ ସାମିଲ ନକରନ୍ତୁ । **[778-B-C]**

*ଆର୍. ବନାମ ବାଥ୍ କ୍ଷତିପୂରଣ କର୍ତ୍ତୃପକ୍ଷ,* **(1925) 1 K.B. 685,** ମାମଲାଟିକୁ ଉଲ୍ଲେଖ କରାଯାଇଛି ।

**3.** ଏକ ରୁଦ୍ଧ ବୁଦ୍ଧି ନିରପେକ୍ଷ ଶୁଣାଣିର ବିପରୀତ ଅଟେ । ପୂର୍ବଧାରଣାଗତ ମତ ସ୍ୱାଧୀନ ଭାବେ ରାୟ ଦେବା କ୍ଷମତାକୁ ଭ୍ରଷ୍ଟ କରିଥାଏ । ଏହାର ଏକ ମୁକ୍ତ ଚିନ୍ତାଧାରାରେ ଅନୁପ୍ରବେଶ କରିବାର ପ୍ରବୃତ୍ତି ରହିଛି ଏବଂ ଫଳାଫଳକୁ ପ୍ରଭାବିତ କରିପାରେ । **[778-D]**

*କଲମ୍ବିଆ ଜିଲ୍ଲାର ପବ୍ଲିକ୍ ୟୁଟିଲିଟିଜ୍ କମିସନ୍ ବନାମ ଫ୍ରାଙ୍କଲିନ୍ ଏସ୍. ଡି. ପୋଲକ୍,* **343 US 451, 96 Law Ed. 1068,** ମାମଲାଟିକୁ ଉଲ୍ଲେଖ କରାଯାଇଛି ।

ଫୌଜଦାରୀ ଅପିଲୀୟ ଅଧିକାରିତା: ଫୌଜଦାରୀ ଆବେଦନ ସଂଖ୍ୟା 298/1994 ।

ଫୌଜଦାରୀ ଆବେଦନ ସଂଖ୍ୟା 117/1986 ରେ ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କ 11.10.93 ର ରାୟ ଏବଂ ଆଦେଶରୁ ଆବେଦନ ।

ଆବେଦନକାରୀମାନଙ୍କ ତରଫରୁ ଏସ୍. କେ. ଗମ୍ଭୀର ଏବଂ ବିବେକ ଗମ୍ଭୀର ।

ନ୍ୟାୟାଳୟଙ୍କ ରାୟ **ନ୍ୟାୟମୂର୍ତ୍ତି ମୋହନଙ୍କ** ଦ୍ୱାରା ପ୍ରଦାନ କରାଯାଇଥିଲା । ମଞ୍ଜୁରୀ ପ୍ରଦାନ କରାଗଲା ।

ଭାରତୀୟ ପିଙ୍ଗଳ ସଂହିତାର ଧାରା 147 ଏବଂ 307 ଅନୁଯାୟୀ ଅପରାଧ ପାଇଁ ଆବେଦନକାରୀମାନଙ୍କୁ ଦୌରା ବିଚାର ସଂଖ୍ୟା 30/1985 ରେ ହୋଶାଙ୍ଗାବାଦସ୍ଥିତ ବିଜ୍ଞ ପ୍ରଥମ ଅତିରିକ୍ତ ଦୌରା ବିଚାରପତିଙ୍କ ସମ୍ମୁଖରେ ବିଚାର କରାଯାଇଥିଲା । ବିଚାର ସମୟରେ, ସେମାନଙ୍କୁ 23.1.86 ର ରାୟ ଅନୁଯାୟୀ ଦୋଷୀ ସାବ୍ୟସ୍ତ କରାଯାଇଥିଲା ଏବଂ  ନିମ୍ନମତେ ଦଣ୍ଡିତ କରାଯାଇଥିଲା: -

ଭାରତୀୟ ପିଙ୍ଗଳ ସଂହିତାର ଧାରା 147 ଅନୁଯାୟୀ ପ୍ରତ୍ୟେକଙ୍କୁ ଏକ ବର୍ଷ ପାଇଁ ସଶ୍ରମ କାରାଦଣ୍ଡ, ଧାରା 307 ଅନୁଯାୟୀ 5 ବର୍ଷ ପାଇଁ ସଶ୍ରମ କାରାଦଣ୍ଡ ଏବଂ ପ୍ରତ୍ୟେକଙ୍କୁ 500 ଟଙ୍କାର ଜୋରିମାନା, ଯାହା ପୈଠ କରିବାରେ ବିଫଳ ହେଲେ ଦୁଇ ମାସ ପାଇଁ ସଶ୍ରମ କାରାଦଣ୍ଡ । ଉଭୟ ଦଣ୍ଡାଦେଶକୁ ଏକକାଳୀନ ଲାଗୁ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଆବେଦନକାରୀ ଉଚ୍ଚ ନ୍ୟାୟାଳୟରେ ଫୌଜଦାରୀ ଆବେଦନ ସଂଖ୍ୟା 117/1986 ଦାୟର କରିଥିଲେ । 27.8.93 ରେ, ଆବେଦନଟି ନ୍ୟାୟମୂର୍ତ୍ତି ଡି. ଏମ୍. ଧର୍ମାଧିକାରୀଙ୍କ ସମ୍ମୁଖକୁ ଆସିଥିଲା । ସେହି ଦିନ ଜବଲପୁରରେ ଅଧିବକ୍ତାମାନେ ଧର୍ମଘଟରେ ଥିବାରୁ ଏହାକୁ ସ୍ଥଗିତ ରଖାଯାଇଥିଲା । ଏହା ପରେ, ଏହି ମାମଲାଟିକୁ 11.10.93 ରେ ତାଲିକାଭୁକ୍ତ କରାଯାଇଥିଲା । ସେହିଦିନ ମଧ୍ୟ ଅଧିବକ୍ତାମାନେ ଧର୍ମଘଟରେ ଥିଲେ । ତେଣୁ, ଅଭିଯୋଜନର ଅଭାବ ହେତୁ ଏହି ଆକ୍ଷେପିତ ରାୟ ଦ୍ୱାରା ଏହି ଆବେଦନଟିକୁ ଖାରଜ କରିଦିଆଯାଇଥିଲା । ଆବେଦନଟିକୁ ପୁନଃସ୍ଥାପନ କରିବା ପାଇଁ ଏବଂ ଯୋଗ୍ୟତା ଆଧାରରେ ଏହାର ନିର୍ଣ୍ଣୟ ନେବା ପାଇଁ 20.11.93 ରେ ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା 482 ଅନୁଯାୟୀ ଏକ ଆବେଦନ କରାଯାଇଥିଲା । 26.11.93 ର ଏକ ଆଦେଶ ଦ୍ୱାରା ଉକ୍ତ ଆବେଦନକୁ ଖାରଜ କରିଦିଆଯାଇଥିଲା । ତେଣୁ ଏହି ବିଶେଷ ଅନୁମତି ଆବେଦନ କରାଯାଇଛି ।

ଆବେଦନକାରୀଙ୍କ ତରଫରୁ ବିଜ୍ଞ ଅଧିବକ୍ତା ଅନୁରୋଧ କରି କହିଥିଲେ ଯେ ଅଧିବକ୍ତାମାନଙ୍କୁ ଧର୍ମଘଟ କରିବାକୁ କ'ଣ ପ୍ରେରିତ କରିଥିଲା ସେ ବିଷୟରେ ନ୍ୟାୟାଳୟ ବିଚାର କରିବା ଉଚିତ୍ ନଥିଲା । ଅପରପକ୍ଷେ, ଆବେଦନର ଶୁଣାଣି ସମୟରେ ଆବେଦନକାରୀଙ୍କ ଅଧିବକ୍ତାଙ୍କ ଅନୁପସ୍ଥିତିର ଯଥାର୍ଥତା ଅଛି କି ନାହିଁ କେବଳ ଏହି ତଥ୍ୟର ଅନୁସନ୍ଧାନ କରିବା ଏହା ପକ୍ଷେ ଉଚିତ ଥିଲା । ଧର୍ମଘଟ ସମ୍ବନ୍ଧରେ ଅଧିବକ୍ତାଙ୍କ ଆଚରଣ ଉପରେ ମନ୍ତବ୍ୟ ଦେବା ମଧ୍ୟ ଠିକ୍ ନଥିଲା ।

ଏହା ଦୁର୍ଭାଗ୍ୟଜନକ ଯେ ଅଭିଯୋଜନର ଅଭାବରୁ ଫୌଜଦାରୀ ଆବେଦନ ସଂଖ୍ୟା 117/1986 ଖାରଜ ହୋଇଥିଲା । 11.10.93 ରେ ଆବେଦନକୁ ଖାରଜ କରିବା ସମୟରେ ଉଚ୍ଚ ନ୍ୟାୟାଳୟ ନିମ୍ନମତେ ମନ୍ତବ୍ୟ ଦେଇଥିଲେ: -

"କୌଣସି ଅଧିବକ୍ତା କିମ୍ବା ସେମାନଙ୍କ ସଙ୍ଗଠନ ଅଧିବକ୍ତାମାନଙ୍କ ଅଭିଯୋଗ ବିଷୟରେ ଏବଂ ସେମାନେ କାହିଁକି ଏହି ନ୍ୟାୟାଳୟରେ ଉପସ୍ଥିତ ହେବାକୁ ଚାହୁଁନାହାନ୍ତି ସେ ବିଷୟରେ ଏହି ନ୍ୟାୟାଳୟଙ୍କୁ ଅବଗତ କରାଇନାହାନ୍ତି । କିନ୍ତୁ ଏହି ସମ୍ବନ୍ଧରେ ଖବରକାଗଜଗୁଡ଼ିକରେ ସମୟ ସମୟରେ ଖବର ପ୍ରକାଶ ପାଇଛି । 13.8.93 ଏବଂ 14.8.93 ରେ ସ୍ଥାନୀୟ ଖବରକାଗଜଗୁଡ଼ିକରେ ପ୍ରକାଶିତ ଖବରରୁ ଜଣାପଡ଼େ ଯେ, ଅଧିବକ୍ତାମାନଙ୍କ ପ୍ରତିନିଧିମାନେ ଭାରତର ମାନ୍ୟବର ପ୍ରଧାନ ନ୍ୟାୟାଧୀଶ ଏବଂ ଆଇନ ମନ୍ତ୍ରୀଙ୍କୁ ଭେଟି ଏକ ସ୍ମାରକପତ୍ର ଦାଖଲ କରିଥିଲେ ଏବଂ ଏହି ଉଚ୍ଚ ନ୍ୟାୟାଳୟଙ୍କ ପ୍ରଧାନ ନ୍ୟାୟାଧୀଶଙ୍କୁ ଅନ୍ୟ କୌଣସି ଉଚ୍ଚ ନ୍ୟାୟାଳୟକୁ ସ୍ଥାନାନ୍ତର କରିବାକୁ ଅନୁରୋଧ କରିଥିଲେ । ଏହା ପରେ, 18.8.93 ରେ ଏହି ସମାନ ସ୍ଥାନାନ୍ତରଣ ପ୍ରସଙ୍ଗ ପାଇଁ ଏକ ସଂକଳ୍ପ ପାରିତ ହେବା ପରେ, ଏକ ସପ୍ତାହ ପାଇଁ ଧର୍ମଘଟ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ଏହାପରେ 23.8.93 ରେ ବାର୍ ଆସୋସିଏସନର ଏକ ବୈଠକରେ ଏକ ମତ ବ୍ୟକ୍ତ କରାଯାଇଥିଲା ଯେ ଏହି ଉଚ୍ଚ ନ୍ୟାୟାଳୟଙ୍କ ନ୍ୟାୟମୂର୍ତ୍ତି ଗୁଲାବ ଗୁପ୍ତା ହେଉଛନ୍ତି ଏକମାତ୍ର ନ୍ୟାୟମୂର୍ତ୍ତି ଯାହାଙ୍କୁ ପ୍ରଧାନ ନ୍ୟାୟାଧୀଶଙ୍କ ସମର୍ଥନ ମିଳିଛି, କାରଣ ସେ ମଧ୍ୟ ପ୍ରଧାନ ନ୍ୟାୟାଧୀଶଙ୍କ କାର୍ଯ୍ୟକଳାପ ପାଇଁ ଦାୟୀ ଅଟନ୍ତି । ଏହା ଜଣାପଡୁଛି ଯେ କେବଳ ଏହି କାରଣରୁ ବାର୍ ଆସୋସିଏସନ୍ ଦାବି କରିଛି ଯେ ଏହି ନ୍ୟାୟାଳୟକୁ ମଧ୍ୟ ସ୍ଥାନାନ୍ତର କରାଯିବା ଉଚିତ । ଏହା ଜାଣିବାକୁ ମିଳିଛି ଯେ ପ୍ରଧାନ ନ୍ୟାୟାଧୀଶଙ୍କ ସ୍ଥାନାନ୍ତରଣ ପାଇଁ ଏକ ଆଜ୍ଞାଦେଶ ଆବେଦନ କରାଯାଇଛି ଏବଂ ଏହା ବିଚାରଧୀନ ଅଛି । ସର୍ବୋଚ୍ଚ ନ୍ୟାୟାଳୟଙ୍କ ବିଜ୍ଞ ନ୍ୟାୟମୂର୍ତ୍ତିମାନେ ଏହି

ନ୍ୟାୟାଳୟଙ୍କ ଅଧିବକ୍ତାମାନଙ୍କୁ ଅନୁରୋଧ କରିଛନ୍ତି ଯେ ଉକ୍ତ ଆଜ୍ଞାଦେଶ ଆବେଦନର ବିଚାରଧୀନତା ସମୟରେ ସେମାନେ ଏପରି କୌଣସି ଆନ୍ଦୋଳନ କରିବା ଉଚିତ ନୁହେଁ ଏବଂ ସେମାନଙ୍କ ଦ୍ୱାରା ଜାରି ରହିଥିବା ଏହି ଆନ୍ଦୋଳନକୁ ପ୍ରତ୍ୟାହାର କରିନେବା ଉଚିତ୍ । ଖବରକାଗଜଗୁଡ଼ିକରେ ପ୍ରକାଶିତ ଖବର ସୂଚିତ କରେ ଯେ 13.9.93 ରେ ଧର୍ମଘଟ ପ୍ରତ୍ୟାହାର କରାଯାଇଛି ଏବଂ ପ୍ରଧାନ ନ୍ୟାୟାଧୀଶ ଏବଂ ଏହି ନ୍ୟାୟାଳୟଙ୍କ ସମ୍ମୁଖରେ ଉପସ୍ଥିତି ବର୍ଜନ କରିବାକୁ ନିଷ୍ପତ୍ତି ନିଆଯାଇଛି । ପ୍ରଧାନ ନ୍ୟାୟାଧୀଶଙ୍କ ସ୍ଥାନାନ୍ତରଣ ପ୍ରସଙ୍ଗରେ, ଏହା ସର୍ବୋଚ୍ଚ ନ୍ୟାୟାଳୟଙ୍କ ବିଚାରଧୀନ ରହିଛି ଏବଂ ସେଥିପାଇଁ ଏହି ପ୍ରସଙ୍ଗରେ ନ୍ୟାୟାଳୟଙ୍କ କିଛି ମତ ଦେବାର ଆବଶ୍ୟକତା ନାହିଁ । ଏହି ନ୍ୟାୟାଳୟକୁ ନେଇ ଅଧିବକ୍ତାମାନେ ମତ ରଖିଛନ୍ତି ଯେ ଏହି ନ୍ୟାୟାଳୟକୁ ପ୍ରଧାନ ନ୍ୟାୟାଧୀଶଙ୍କ ସମର୍ଥନ ମିଳିଛି ଏବଂ ସେଥିପାଇଁ, ପ୍ରଧାନ ନ୍ୟାୟାଧୀଶଙ୍କ ଦ୍ୱାରା ହୋଇଥିବା ତ୍ରୁଟି ପାଇଁ ଏହି ନ୍ୟାୟାଳୟ ମଧ ଦାୟୀ ଏବଂ ଏହାକୁ କଦାପି ଗ୍ରହଣ କରାଯାଇପାରିବ ନାହିଁ । ଅଧିବକ୍ତାମାନଙ୍କ ଏହି ନିଷ୍ପତ୍ତି ସେମାନଙ୍କ ବିଶୃଙ୍ଖଳିତ ମନୋଭାବକୁ ଦର୍ଶାଉଛି ଏବଂ ଏଥିପାଇଁ, ନ୍ୟାୟିକ ପ୍ରକ୍ରିୟାରେ ବାଧକ ସାଜିବା କିମ୍ବା ବିଘ୍ନ ଘଟାଇବା ପାଇଁ ଅନୁମତି ଦିଆଯିବ ନାହିଁ । ଯେହେତୁ ଏହି ନ୍ୟାୟାଳୟ ଅନୁଯାୟୀ ଅଧିବକ୍ତାମାନଙ୍କ ନିଷ୍ପତ୍ତିରେ କୌଣସି ଯଥାର୍ଥତା ନାହିଁ, ସେମାନଙ୍କର ଅନୁପସ୍ଥିତି ଅକ୍ଷମଣୀୟ ଅଟେ । ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା 386 ଅନୁଯାୟୀ ଏପରି ଜରୁରୀ ଆବଶ୍ୟକତାରେ, ଏହି ନ୍ୟାୟାଳୟ ପକ୍ଷମାନଙ୍କୁ ନ ଶୁଣି ଯୋଗ୍ୟତା ଆଧାରରେ ଏହି ଆବେଦନର ନିର୍ଣ୍ଣୟ ନେବାକୁ ସକ୍ଷମ ଅଟନ୍ତି । କିନ୍ତୁ *ରାମନରେଶ ଯାଦବ ବନାମ ବିହାର ରାଜ୍ୟ,* A.I.R. (1987) S.C. 1500 ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଣ୍ଣୟକୁ ଅନୁସରଣ କରି ଏହା କୁହାଯାଇଛି ଯେ, ସାଧାରଣତଃ ଫୌଜଦାରୀ ଆବେଦନରେ ପକ୍ଷମାନଙ୍କୁ ନ ଶୁଣି ଆବେଦନର ଯୋଗ୍ୟତା ଆଧାରରେ ନିର୍ଣ୍ଣୟ ନିଆଯିବା ଉଚିତ ନୁହେଁ ଏବଂ ଯଦି ଅଧିବକ୍ତାଙ୍କ ଆଚରଣ ଏପରି ହୋଇଥାଏ ଯେ ଏହା ନ୍ୟାୟିକ ପ୍ରକ୍ରିୟାରେ ବାଧା ସୃଷ୍ଟି କରେ, ତେବେ ଅଭିଯୋଜନର ଅଭାବ ହେତୁ ଆବେଦନକୁ ଖାରଜ କରାଯିବା ଉଚିତ ଏବଂ ଏକ ଶିକ୍ଷା ଦିଆଯିବା ଉଚିତ । ସର୍ବୋଚ୍ଚ ନ୍ୟାୟାଳୟଙ୍କ ପର୍ଯ୍ୟବେକ୍ଷଣକୁ ଦୃଷ୍ଟିରେ ରଖି, ଅଭିଯୋଜନର ଅଭାବ ହେତୁ ଆବେଦନକୁ ଖାରଜ କରାଯିବା ଉଚିତ୍" ।

ଆମ୍ଭେ ଆଶଙ୍କା କରୁଛୁ ଯେ ଉଚ୍ଚ ନ୍ୟାୟାଳୟ ନ୍ୟାୟିକ ସଂଯମତାର ଅଭାବ ପ୍ରଦର୍ଶନ କରିଛନ୍ତି ଏବଂ ବାହ୍ୟ ବିଷୟଗୁଡ଼ିକ ଠାରୁ ଦୂରେଇ ନ ରହି ଏବଂ ସେଗୁଡ଼ିକ ଦ୍ୱାରା ପ୍ରଭାବିତ ହୋଇ ଡିକ୍ରି କରିଛନ୍ତି । ସେହି ସମୟ ମଧ୍ୟରେ ଉଚ୍ଚ ନ୍ୟାୟାଳୟର ପ୍ରଶାସନ ସହିତ ଜଡ଼ିତ ଏହି

ନ୍ୟାୟାଳୟର ନ୍ୟାୟିକ କାର୍ଯ୍ୟବିଧି ସୂଚିତ କରେ ଯେ କେତେକ ପ୍ରସଙ୍ଗରେ ଉଚ୍ଚ ନ୍ୟାୟାଳୟର ପ୍ରଶାସନରେ ଗୁରୁତର ତ୍ରୁଟି ହୋଇଥିଲା । ବାସ୍ତବତା ହେଉଛି ଯେ ଅଧିବକ୍ତାମାନେ ଧର୍ମଘଟରେ ବସିଥିଲେ, ଯଥାର୍ଥରେ ହେଉ କି ନ ହେଉ । ନ୍ୟାୟାଳୟ କାହିଁକି ଏହି ଧର୍ମଘଟର କାରଣ ଖୋଜିବାକୁ ଚେଷ୍ଟା କରିଥିଲେ, ଯାହାକି ଏହା ସମ୍ମୁଖରେ ପ୍ରସଙ୍ଗ ହି ନଥିଲା? ତେଣୁ, ଆମ୍ଭେ ଉପରେ ଉଲ୍ଲେଖ କରିଥିବା ସମସ୍ତ ପର୍ଯ୍ୟବେକ୍ଷଣ ସମ୍ପୂର୍ଣ୍ଣ ଅଯୁକ୍ତିକର ଥିଲା । ଜଣେ ନ୍ୟାୟମୂର୍ତ୍ତି କଠୋର ସ୍ୱଭାବର ହେବା ଆବଶ୍ୟକ । ତାଙ୍କର ମାନସିକ ସନ୍ତୁଳନ ସର୍ବଦା ଦୃଢ଼ ଏବଂ ଅବିଚଳିତ ରହିବା ଆବଶ୍ୟକ । ଏହା ଜରୁରୀ ଯେ ଜଣେ ନ୍ୟାୟମୂର୍ତ୍ତି ତାଙ୍କ ବ୍ୟକ୍ତିଗତ ପୂର୍ବଧାରଣାଗତ ମତକୁ ନିର୍ଣ୍ଣୟ ନେବାରେ ସାମିଲ ନକରନ୍ତୁ, ଯେପରି ସ୍କ୍ରୁଟନ୍, ଏଲ୍. ଜେ. *ଆର୍. ବନାମ ବାଥ୍ କ୍ଷତିପୂରଣ କର୍ତ୍ତୃପକ୍ଷ,* (1925) 1 K.B. 685 ମାମଲାରେ ମନ୍ତବ୍ୟ ଦେଇଥିଲେ:

"ଉଦ୍ଦେଶ୍ୟ.... କେବଳ ଏହା ନୁହେଁ ଯେ ତରାଜୁକୁ ସମାନ ଭାବେ ରଖାଯାଉ; ମାତ୍ର ଏହା ମଧ୍ୟ ହେବା ଆବଶ୍ୟକ ଯେ ତାହା ନଇଁଥିବା ପରି ଦେଖା ନଯାଉ" ।

ଏକ ରୁଦ୍ଧ ବୁଦ୍ଧି ନିରପେକ୍ଷ ଶୁଣାଣିର ବିପରୀତ ଅଟେ । ପୂର୍ବଧାରଣାଗତ ମତ ସ୍ୱାଧୀନ ଭାବେ ରାୟ ଦେବା କ୍ଷମତାକୁ ଭ୍ରଷ୍ଟ କରିଥାଏ । ଏହାର ଏକ ମୁକ୍ତ ଚିନ୍ତାଧାରାରେ ଅନୁପ୍ରବେଶ କରିବାର ପ୍ରବୃତ୍ତି ରହିଛି ଏବଂ ଫଳାଫଳକୁ ପ୍ରଭାବିତ କରିପାରେ । ଏହି ପରିପ୍ରେକ୍ଷୀରେ, *କଲମ୍ବିଆ ଜିଲ୍ଲାର ପବ୍ଲିକ୍ ୟୁଟିଲିଟିଜ୍ କମିସନ୍ ବନାମ ଫ୍ରାଙ୍କଲିନ୍ ଏସ୍. ଡି. ପୋଲକ୍,* 343 US 451, ପୃଷ୍ଠା ସଂଖ୍ୟା 465-466 (96 Law Ed. ପୃଷ୍ଠା ସଂଖ୍ୟା 1068) ମାମଲାରେ ଶ୍ରୀଯୁକ୍ତ ନ୍ୟାୟମୂର୍ତ୍ତି ଫ୍ରାଙ୍କଫର୍ଟରଙ୍କ କଥାକୁ ସ୍ମରଣ କରିବା ଆବଶ୍ୟକ:

"ନ୍ୟାୟିକ ପ୍ରକ୍ରିୟାରେ ଜଣେ ନ୍ୟାୟମୂର୍ତ୍ତିଙ୍କୁ ପ୍ରାସଙ୍ଗିକ ଆଇନଗତ ନିୟମର ଢାଞ୍ଚା ମଧ୍ୟରେ କାର୍ଯ୍ୟ କରିବାକୁ ପଡ଼ିଥାଏ ଏବଂ ସେଗୁଡ଼ିକୁ ନିର୍ଦ୍ଧାରଣ କରିବା ପାଇଁ ଆନୁଷ୍ଠାନିକ ଚୁକ୍ତିବଦ୍ଧ ଚିନ୍ତାଧାରାକୁ ଅନୁସରଣ କରିବାକୁ ପଡ଼ିଥାଏ । ସେ ନିରପେକ୍ଷ ଭାବରେ ଚିନ୍ତା କରିବା ଉଚିତ୍ ଏବଂ ଏକ ମାମଲାର ପ୍ରତ୍ୟେକ ଦିଗ ସମ୍ବନ୍ଧରେ ବ୍ୟକ୍ତିଗତ ଭାବନାକୁ ଦୂରେଇ ରଖିବା ଉଚିତ୍ । *ନ୍ୟାୟିକ ପୋଷାକ, ଏହା ଭିତରେ ଥିବା ବ୍ୟକ୍ତିଙ୍କୁ ପରିବର୍ତ୍ତନ କରି ନଥାଏ ବୋଲି ଏକ ସ୍ୱଳ୍ପଜ୍ଞାନବିଶିଷ୍ଟ କଥା ଲୋକମୁଖରେ ବ୍ୟାପକ ଭାବେ ପ୍ରଚଳିତ । ଏହା ପରିବର୍ତ୍ତନ କରିଥାଏ । ବାସ୍ତବତା ହେଉଛି, ମୋଟାମୋଟି ଭାବେ, ନ୍ୟାୟମୂର୍ତ୍ତିମାନେ ସେମାନଙ୍କର ନ୍ୟାୟିକ କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟକ୍ତିଗତ ମତକୁ ଦୂରେଇ ରଖିଥାନ୍ତି । ଏହା ତାଲିମ, ବୃତ୍ତିଗତ ଅଭ୍ୟାସ, ଆତ୍ମଶୃଙ୍ଖଳା ଏବଂ ସେହି*

*ଭାଗ୍ୟଶାଳୀ କିମିୟା ମାଧମରେ ହାସଲ କରାଯାଏ, ଯାହା ଦ୍ୱାରା ପୁରୁଷମାନେ ସେମାନଙ୍କୁ ଦିଆଯାଇଥିବା ସେହି ଦାୟିତ୍ୱ ପ୍ରତି ବିଶ୍ୱସ୍ତ ରହିଆନ୍ତି'* । (ଗୁରୁତ୍ୱ ପ୍ରଦାନ କରାଯାଇଛି)

ନ୍ୟାୟମୂର୍ତ୍ତିଙ୍କୁ କ'ଣ ଖବରକାଗଜ ବିବରଣୀ ଏବଂ ସେହି କାରଣଗୁଡ଼ିକର ସଜ୍ଞାନ ନେବା ଉଚିତ୍ ଯାହା ଅଧିବକ୍ତାମାନଙ୍କୁ ତତ୍କାଳୀନ ପ୍ରଧାନ ନ୍ୟାୟାଧୀଶଙ୍କ ସ୍ଥାନାନ୍ତରଣ ଲୋଡ଼ିବା ପାଇଁ ପ୍ରେରିତ କରିଥିଲା? ତତ୍କାଳୀନ ପ୍ରଧାନ ନ୍ୟାୟାଧୀଶଙ୍କ ଦ୍ୱାରା ହୋଇଥିବା ତ୍ରୁଟି ସମ୍ବନ୍ଧରେ ଯେକୌଣସି ମତ ରଖିବା ପାଇଁ ସ୍ୱାଧୀନ ଥିବା ଅଧିବକ୍ତାମାନଙ୍କ ବିରୁଦ୍ଧରେ ବିଜ୍ଞ ନ୍ୟାୟମୂର୍ତ୍ତି ନିଜର ତିକ୍ତ ଭାବ ପ୍ରକାଶ କରିବା ଉଚିତ୍ ନଥିଲା । ଏପରି ମତ ରଖିବା ଅଧିବକ୍ତାମାନଙ୍କ ପକ୍ଷରେ ଏକ ବିଶୃଙ୍ଖଳିତ ମନୋଭାବ ଭାବରେ ବର୍ଣ୍ଣନା କରାଯାଇପାରିବ ନାହିଁ । ଆହୁରି ମଧ୍ୟ, ଏଭଳି ମତ ରଖିବା ନ୍ୟାୟପାଳିକାର କାର୍ଯ୍ୟରେ ବାଧା ଦେବ ନାହିଁ କିମ୍ବା ବିଘ୍ନ ଘଟାଇବ ନାହିଁ । ଯଦି ବିଜ୍ଞ ନ୍ୟାୟମୂର୍ତ୍ତିଙ୍କର ସାମାନ୍ୟତମ ଦ୍ୱିଧାଭାବ ଥିଲା, ତେବେ ସେ ନିଜକୁ ପ୍ରତ୍ୟାହାର କରିନେବା ଉଚିତ୍ ଥିଲା ।

ତେଣୁ, ଆମ୍ଭେ ଏହାକୁ ବାତିଲ କରୁଛୁ ଏବଂ ଆବେଦନଟିକୁ ଫାଇଲରେ ପୁନଃସ୍ଥାପିତ କରିବାକୁ ଏବଂ ଯୋଗ୍ୟତା ଆଧାରରେ ଏହାର ଶୁଣାଣି କରିବାକୁ ନିର୍ଦ୍ଦେଶ ଦେଉଛୁ ।

ଟି. ଏନ୍. ଏ. ଆବେଦନଟିକୁ ପୁନଃସ୍ଥାପିତ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

*ଭାଷାନ୍ତର :*

**ଅମରେଶ୍ୱର ମିଶ୍ର, ଅନୁବାଦକ,**

**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**